# ଜିଲ୍ଲାର ବିଭିନ୍ନ ସ୍ଥାନରେ ସର୍ବଭାରତୀୟ ଧର୍ମଘଟ









ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୨।୨ (ସମିସ)

ଆଜି ଦେଶବ୍ୟାପୀ ୧୨ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ଅନୁଷ୍ଠିତ ହୋଇଥିବା ବେଳେ ଜଳେଶ୍ୱରରେ ପ୍ରଭାବ ଦେଖାଦେଇଛି। ଶ୍ରମିକ ବିରୋଧୀ ଶ୍ରମ କୋର୍ଡର ପ୍ରତ୍ୟାହାର, ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ, ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାର ପୁନଃ ପ୍ରଚଳନ, ମାସିକ ଭତା ୩ହଜାର, ପୁରୁଣା ପେନସନ ଯୋଜନା ଲାଗୁ, ବିଦ୍ୟୁତ୍ ଆଇନ ୨୦୨୫ ବାତିଲ, ଜାତୀୟ ଶିକ୍ଷନୀତି ପ୍ରତ୍ୟାହାର ଇତ୍ୟାଦି ଦାବି ନେଇ କେନ୍ଦ୍ରୀୟ ୧୪ଟି ଶ୍ରମିକ ସଂଗଠନ, ୫ଟି ବାମପନ୍ଥୀ ଦଳ ସହିତ ବ୍ୟାଙ୍କ, ବୀମା, ପୋଷ୍ଟାଲ, ପରିବହନ ଓ ନିର୍ମାଣ କର୍ମଚାରୀ ଏହି ଧର୍ମଘଟରେ ସାମିଲ ହୋଇ ଭାରତ ବନ୍ଦକୁ ସଫଳ କରାଇଥିଲେ। ବିଜୁ ଶ୍ରମିକ ସାମୁଖ୍ୟ ଏହି ଧର୍ମଘଟକୁ ନୈତିକ ସମର୍ଥନ ଜଣାଇଥିବା ବେଳେ କଂଗ୍ରେସ ଏହି ଧର୍ମଘଟରେ ସାମିଲ ହୋଇଥିବାର ଦେଖିବାକୁ ମିଳିଥିଲା। ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲଗେଟ ନିକଟରେ ବାମପନ୍ଥୀ ନେତା କମଳ ଚକ୍ରବର୍ତୀ, କଂଗ୍ରେସ ଦଳର ବ୍ଲକ ସଭାପତି ହେମନ୍ତ ଗିରି, କୃଷକ ନେତା ରବୀନ୍ଦ୍ର କୁମାର ବାରିକ, ସୁଦାମ ପାତ୍ର, ବସନ୍ତ ଦାସଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରାଯାଇଥିବା ବେଳେ ଶହ ଶହ ମାଲ ବୋଝେଇ ଟ୍ରକ ଲାଇନ ଲଗାଇ ଛିଡା ହୋଇଥିବାର ଦେଖିବାକୁ ମିଳିଥିଲା। ସେହିପରି ଜଳେଶ୍ୱର ବଡ ବଜାରଠାରେ ବାମପନ୍ଥୀ ନେତା ଦିଲ୍ଲୀପ ଗିରି, ସିତାଂଶୁ ସେନାପତି,






ଅକ୍ଷୟ ମିଶ୍ର, ଦିପ୍ତୀମାନ ଆଚାର୍ଯ୍ୟ, ଅଜିତ ଦାସ, ଡ. ଲଳିତ ସେନାପତି, ସବିତା ଭୂୟାଁଙ୍କ ନେତୃତ୍ୱରେ ରାସ୍ତା ରୋକ କରାଯାଇଥିବା ବେଳେ ଷ୍ଟେସନ ଛକ ନିକଟରେ ସିପିଆଇଏମର ନେତା ଦିଲ୍ଲୀପ ପରିଡ଼ା, ଲକ୍ଷ୍ମୀଧର ପୋଲାଇ, ଗଣେଶ ପାତ୍ର, କଂଗ୍ରେସ ଟାଉନ ସଭାପତି ଜଗଦୀଶ ନନ୍ଦୀ, ରାଜୀବ ପରିଡ଼ା, ପଦ୍ମଲୋଚନ ବେହେରା, ବିରଜା ପାଠୀ ପ୍ରମୁଖଙ୍କ ନେତୃତ୍ୱରେ ରାସ୍ତାରୋକ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିପରି ସୁଗୋ ଛକ ନିକଟରେ ପଲ୍ଟୁ ଦାସଙ୍କ ନେତୃତ୍ୱରେ ଶହଶହ ଚାଷୀ ଧାନ ବସ୍ତା ରଖି ରାସ୍ତାରୋକ କରିଥିଲେ। ତହସିଲଦାର ସତ୍ୟଜିତ ମହାନ୍ତି, ଏସଡିପିଓ ସୁବ୍ରତ ବେହେରା, ଏସିଏସଓ ବୁଦ୍ଧଦେବ ଜେନା ପ୍ରମୁଖ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ନିଖିଳ ଓଡ଼ିଶା ଅଙ୍ଗନବାଡି କମୀ ସଂଘ ତରଫରୁ ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀପ୍ରୀୟା ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଡାକବଙ୍ଗଳା ଠାରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ଓ ବିକ୍ଷୋଭ ପ୍ରଦର୍ଶନ ସହିତ ଏକ ୬ଦଫା ସମ୍ବଳିତ ଦାବୀପତ୍ର ବିଡିଓ ଓ ସିଡିପିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

**ବସ୍ତା ବ୍ଲକ :** ସକାଳେ ଓଡ଼ିଶା ନିର୍ମାଣ ସଂଘ ବସ୍ତା ଶାଖା, ଓଡ଼ିଶା ମଧ୍ୟାର୍ଣ ଭୋଜନ ପାଚିକା ସହାୟିକା ସଂଘ ଓ ବସ୍ତା କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍କୁଲ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଆଗରେ ପିକେଟିଂ କରିଥିଲେ। ଫଳରେ ଅନେକ ସରକାରୀ କାର୍ଯ୍ୟାଳୟ ବନ୍ଦ ହୋଇଥିଲା। ମାତ୍ର ସମସ୍ତ ଦୋକାନ ବଜାର, ବେସରକାରୀ ପ୍ରତିଷ୍ଠାନ ଖୋଲା ଥିଲା। ଯାହା ଫଳରେ ବନ୍ଦର ପ୍ରଭାବ ଆଂଶିକ ଭାବେ ପରିଲକ୍ଷିତ ହୋଇଥିଲା। ବସ ଚଳାଚଳ ବନ୍ଦ ଯୋଗୁଁ ଲୋକଙ୍କ ଉପରେ ସିଧାସଳଖ ପ୍ରଭାବ ପଡ଼ିଥିଲା। ଏହି ବନ୍ଦରେ କଂଗ୍ରେସ ବସ୍ତା ବ୍ଲକ ସଭାପତି ସତ୍ୟ ନାରାୟଣ ଗୁପ୍ତା, କଂଗେସ ଯୁବ ନେତା ସୁଧାଂଶୁ ଯେନା, ରବୀନ୍ଦ୍ର ଦାସ, ମନୋଜ କୁମାର ମହାନ୍ତି, ଗୌରାଙ୍ଗ ସେଠୀ, ଜୟନ୍ତ ମହାପାତ୍ର, କମଲ ଲୋଚନ ଜେନା, ସଂଘ ସଭାପତି ମନ୍ମଥ ବେହେରା ଙ୍କ ସମେତ ପୁରୁଷ ଓ ମହିଳା କର୍ମୀ ଯୋଗ ଦେଇଥିଲେ।

**କାଳିପଦା :** ବାର ଘଣ୍ଟିଆ ଭାରତ ବନ୍ଦ ର ସେମିତି ପ୍ରଭାବ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳ ରେ ନାହିଁ କହିଲେ ଚଳେ। କେବଳ ଯାତ୍ରୀବାହୀ ବସ ଚଳାଚଳ ବନ୍ଦ ରହିଛି। ବାଲିଆପାଳ ବଜାର, ସିମୁଳିଆ ଦୈନିକ ମାର୍କେଟ, କାଳିପଦା ବଜାର, ଲଙ୍ଗଳେଶ୍ୱର ବଜାରର ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ କଲେଜ ଶିକ୍ଷାନୁଷ୍ଠାନ ଆଦି ଖୋଲା ରହିଛି।

**ନୀଳଗିରି:** ଭାରତ ବନ୍ଦକୁ ସଫଳ ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମାର୍କ୍ସ ବାଦ କମ୍ୟୁନିଷ୍ଟ ପାର୍ଟି, ଜାତୀୟ କଂଗ୍ରେସ ଏବେ ବିଜୁ ଜନତା ଦଳ ର ସମର୍ଥନ ରେ ନୀଳଗିରିର ବନ୍ଦ ଅଭୁତପୂର୍ଣ୍ଣ ଦେଖିବାକୁ ମିଳିଥିଲା। ସକାଳ ୬ଟାରୁ ନୀଳଗିରି ର ପରିବା ମାର୍କେଟ ଠାରୁ ଦୋକାନ ବଜାର, ସ୍କୁଲ କଲେଜ, ବ୍ୟାଙ୍କ, ଡାକ ଅଫିସ, ରେଞ୍ଜ ଅଫିସ, ତହସିଲ, କଚେରୀ ଓ ବ୍ଲକ, ଅଦାଲତ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ସିପିଆଇ ର ବରିଷ୍ଠ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ ସ, ଜିଲ୍ଲା କମିଟି ସଦସ୍ୟ ହରେକୃଷ୍ଣ ପଣ୍ଡିତ, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ନିହାର ଜେନା, ଦେବେନ୍ଦ୍ର ବେହେରାଙ୍କ ସମେତ ଜୋନ କମିଟି ସଦସ୍ୟ ତଥା ଶାଖା ସମ୍ପାଦକ ମାନେ ଯୋଗ ଦେଇଥିଲେ।

**ଭୋଗରାଇ:** କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତା କିଷାନ ମୋର୍ଚ୍ଚା ତରଫରୁ ଆହ୍ୱାନ ଦିଆଯାଇଥିବା ସାଧାରଣ ଧର୍ମଘଟ ଭୋଗରାଇରେ ବ୍ୟାପକ ଜନଗଣଙ୍କ ସମର୍ଥନ ଲାଭ କରି ସଫଳ ହୋଇଛି। ବିଭିନ୍ନ ସଂଗଠନର କର୍ମ କର୍ତ୍ତା ଭୋଗରାଇ ବସ ଷ୍ଟାଣ୍ଡ ସମ୍ମୁଖରେ ପିକେଟିଂ କରିବା ସହିତ ବ୍ୟାଙ୍କ ବୀମା ସ୍କୁଲ କଲେଜ, ବ୍ଲକ, ତହସିଲ ବଜାର ବନ୍ଦ କରିବା ପାଇଁ ଜନଗଣ ଓ କର୍ମଚାରୀମାନଙ୍କୁ ନିବେଦନ କରିଥିଲେ। ଥାନାଛକ ମୁଖ୍ୟ ରାସ୍ତା ଉପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ପରିଚାଳନା କରିଥିଲେ ଶ୍ରମିକ ନେତା ଅଧୀର ଗିରି ଗୋସ୍ୱାମୀ। ଏସ ୟୁ ସି ଆଇ କମ୍ୟୁନିଷ୍ଟ ସମ୍ପାଦିକା କ୍ରିଷ୍ଣାରାଣୀ ସାହୁ, ସି ପି ଏମ ନେତା ଦୀପ୍ତିମାନ ଆଚାର୍ଯ୍ୟ, ଏ ଆଇ ୟୁଟିୟୁସି ଭୋଗରାଇ ସଂଗଠିକା ସସ୍ମିତା ମହାନ୍ତି, ଏ ଆଇ ଡି ଏସ ଓ ଜିଲ୍ଲା ସଭାପତି ହରେକୃଷ୍ଣ ଦାସ, ଆଇନଜୀବୀ ବିଶ୍ୱଜିତ ଦାସ, ପାଚିକା ସଂଘର ନେତା ଶୁକଦେବ ସାହୁ ବକ୍ତବ୍ୟ ରଖିଥିଲେ।

**ରେମୁଣା:** ରେମୁଣା ଗୋଲେଇଠାରେ କଂଗ୍ରେସ ତରଫରୁ ପୂର୍ବତନ ରେମୁଣା ବିଧାୟକ ସୁଦର୍ଶନ ଜେନାଙ୍କ ନେତୃତ୍ୱରେ କହେଁଇ ବେହେରା, ତରୁଣ ଦାସ, ବିଧାନ ଚନ୍ଦ୍ର ରାୟ, କୁମୁଦିନି ଦାସ, ପ୍ରଭାକର ମହାପାତ୍ର, ଅକ୍ଷୟ ଜେନା, ଚକ୍ରଧର ରାଉତ, ଭାଗବତ ବିଶ୍ୱାଳ, ଶ୍ରୀକାନ୍ତ ପତି, ଶେଖ ହିଦାୟତ, ମହୁଥୁଜ ଆଲାମ, କେଶବ ନାୟକ, ଅଜୟ ଜେନା, ମାମାତାଜ ରଞ୍ଜନ ମହଲପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ। ରେମୁଣା ବଜାରର ସମସ୍ତ ଦୋକାନ, କଲେଜ, ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ଯାନବାହାନା ଚଳାଚଳକୁ ବନ୍ଦ କରାଯାଇଥିଲା।

## ପଞ୍ଜୀକରଣ ନ କରି କାଗଜ ଫିଙ୍ଗିଦେଲେ

ବାଲିଆପାଳ, ୧୨।୨ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଭିନ୍ନକ୍ଷମଙ୍କ ପଞ୍ଜିକରଣ ନେଇ ବିବାଦ ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ ବାଲିଆପାଳ ବ୍ଲକର ବାଲିକୁଟି ଗ୍ରାମର ବାପ ମା ଛେଉଣ୍ଡ ମାନସିକ ଭିନ୍ନକ୍ଷମ ସାକର ମୁର୍ମୁ ଅନଲାଇନ ପ୍ରମାଣପତ୍ର ନ ଥିବାରୁ ଦୀର୍ଘଦିନ ଧରି ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଅଛନ୍ତି। ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ପରାମର୍ଶରେ ସେ ବସ୍ତା ବ୍ଲକ ଶିବିରକୁ ଯାଇଥିଲେ। ସେହିପରି ଲଙ୍ଗଳେଶ୍ୱର ଗ୍ରାମର ବାସୁଦେବ ମଲ୍ଲିକ ଓ ସୁବଳ ଚନ୍ଦ୍ର ପଡ଼ିଆରୀ ମଧ ପ୍ରମାଣପତ୍ର ପାଇଁ ପହଞ୍ଚିଥିଲେ। ଶିବିରରେ ଦସ୍ତାବିଜ ପଞ୍ଜୀକରଣ କରୁଥିବା କର୍ମଚାରୀମାନେ ଅନ୍ୟ ବ୍ଲକରୁ ଆସିଥିବା ଭିନ୍ନକ୍ଷମଙ୍କୁ ପଞ୍ଜୀକରଣ କରିବାକୁ ମନା କରିଥିବା ସହ କାଗଜପତ୍ର ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି। ପରେ ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ହସ୍ତକ୍ଷେପ ପରେ ଉପରିସ୍ଥ ଅଧିକାରୀମାନେ ଘଟଣା ସମ୍ପର୍କରେ ଜାଣି ଅନ୍ୟ ବ୍ଲକର ଭିନ୍ନକ୍ଷମଙ୍କ ପଞ୍ଜିକରଣ ପାଇଁ ଅନୁମତି ଦେଇଥିଲେ। ଏହି ଘଟଣାକୁ ନେଇ ଭିନ୍ନକ୍ଷମ ଅଧିକାର ଆଇନ୨୦୧୬ ଉଲ୍ଲଂଘନ ହୋଇଥିବା ଅଭିଯୋଗ ଉଠିଛି।

## ଯୁବକଙ୍କ ଅକାଳ ବିୟୋଗ

ନୀଳଗିରି, ୧୨।୨ (ସମିସ): ନୀଳଗିରିର ଉଦୀୟମାନ ତଥା ଯୁବ ବ୍ୟବସାୟୀ ପ୍ରତାପ ପରିଛା (ଗଣ)ଙ୍କ ଅକାଳ ବିୟୋଗ ଘଟିଛି। ନୀଳଗିରି ଏନ୍‌ଏସିର ୨ନମ୍ବର ୱାର୍ଡର ଘାଟଘରସାହି ଗ୍ରାମର ନୁଠା ପରିଛାଙ୍କ ପୁଅ ପ୍ରତାପ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ନିଜ ସାଙ୍ଗ ସହ ଏକ ବାଇକରେ ରେମୁଣା ମେଡିକାଲରେ ନିଜର ସମ୍ପର୍କୀୟକୁ ଦେଖିବାକୁ ଯାଉଥିବାବେଳେ ରେମୁଣା ଗୋଲେଇ ନିକଟରେ ନିଜକୁ ଅସୁସ୍ଥ ଲାଗିବାରୁ ସାଙ୍ଗକୁ ବାଇକ୍ ରଖିବାକୁ କହିଥିଲେ। ପରେ ବାଇକ୍ ରୁ ତଳେ ବସିଥିବା ବେଳେ ଅଚେତ୍ ହୋଇ ପଡ଼ିଥିଲା। ସାଙ୍ଗ ଜଣକ ସଙ୍ଗେ ସଙ୍ଗେ ଏକ ଅଟୋ ରେ ରେମୁଣା ମେଡ଼ିକାଲକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବଳରାମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ, ୧୨।୨(ସମିସ): ବାଲିଆପାଳ ବ୍ଲକ ବଳରାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଜୟଶ୍ରୀ ତିରିଆଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧାପକ କାମିନୀକାନ୍ତ ମହାନ୍ତି, ସମ୍ମାନୀତ ଅତିଥି ଭାବରେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ, ଅବସରପ୍ରାପ୍ତ ଅଧକ୍ଷ ଡ.ବିଜୟ କୁମାର ଦେ, ବଳରାମପୁର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଗୋପୀକୃଷ୍ଣ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ଶିକ୍ଷକ ରଜତ କୁମାର ଧଳ ଅତିଥି ପରିଚୟ ପ୍ରଦାନ, ବରିଷ୍ଠ ଶିକ୍ଷକ ପ୍ରିୟବ୍ରତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ବିଧାୟକ ହାତପାଣ୍ଠିରୁ ନିର୍ମିତ ସ୍ୱଚ୍ଛପାନୀୟ ପ୍ରକଳ୍ପକୁ ବିଧାୟିକା ଶ୍ରୀମତୀ ଜେନା ଉଦଘାଟନ କରିଥିଲେ।

## ବାଲେଶ୍ୱର ଆଇନ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୨।୨(ସମିସ): ବାଲେଶ୍ୱର ଆଇନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସହର ଉପକଣ୍ଠ




ବଣପାରିଆ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନ ମହାବିଦ୍ୟାଳୟର ସ୍ୱତନ୍ତ୍ର ପ୍ରଶାସକ ତଥା ଅତିରିକ୍ତ ଜିଲାପାଳ ସୁଧାକର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଡ. ହରିଶ୍ଚନ୍ଦ୍ର ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନର ପ୍ରତିଟି କ୍ଷେତ୍ରରେ ଭକ୍ଷକ ନ ହୋଇ ସମାଜର ରକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇ ସମାଜରୁ ଭ୍ରଷ୍ଟାଚାର ଓ ଦୁର୍ନୀତିର ମୂଳପୋ୍ଚନ ପାଇଁ ଛାତ୍ରଛାତ୍ରୀ ଏବେ ଠାରୁ ନିଜକୁ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ୍ ଡ. ଶିରୀଶ ଚନ୍ଦ୍ର ଜେନା ଓ କବି ପ୍ରଶାନ୍ତ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ.ସର୍ବେଶ୍ୱର ସାହୁ ସ୍ୱାଗତ ଅଭିଭାଷଣ ରଖିବା ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଉତ୍ସବ କମିଟି ସମ୍ପାଦକ ଜୟନ୍ତ କୁମାର ପାଇକରାୟ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମହିଳା ଉଦ୍ୟୋଗୀ ନିବେଦିତା ସମ୍ମାନିତ



ନୀଳଗିରି, ୧୨।୨ (ସମିସ): ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ ଅବସରରେ ଲୋକସଭା ଭବନର କନଭେନସନ ସେଣ୍ଟର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଗୋପୀନାଥପୁର ଗ୍ରାମର ବୋହୂ ନିବେଦିତା ପଣ୍ଡାଙ୍କୁ ଜଣେ ମହିଳା ଉଦ୍ୟୋଗୀ ଭାବେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ କଲ୍ୟାଣ ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ମାନିତ କରିଛନ୍ତି। ନିବେଦିତା ପ୍ରାୟ ୩୦୦ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇଛନ୍ତି।

## ଶ୍ରୀ ହନୁମାନଜୀଉ ସ୍କୁଲ ୧୯ ୯୨ ବ୍ୟାଚ୍ ବନ୍ଧୁମିଳନ



ବାଲେଶ୍ୱର, ୧୨।୨ (ସମିସ) : ଚରମ୍ପାସ୍ଥିତ ବାରାଳପୋଖରୀର ଶ୍ରୀ ହନୁମାନଜୀଉ ସ୍କୁଲର ୧୯ ୯୨ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀମାନଙ୍କର ସ୍ମୃତିମୟ ବନ୍ଧୁମିଳନ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲାର ମଇତାପୁରସ୍ଥିତ ତୁଳସୀ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪୦ରୁ ଅଧିକ ସହପାଠୀ ଉପସ୍ଥିତ ହୋଇ ପୁରୁଣା ସ୍ମୃତିକୁ ତାଜା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପରଲୋକଗତ ୬ ଜଣ ସହପାଠୀ ଓ ୨ ଜଣ ଶିକ୍ଷକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମସ୍ତ ଅଂଶଗ୍ରହଣକାରୀ ନିଜ ନିଜର ଅନୁଭୂତି ବ୍ୟକ୍ତ କରିବା ସହ ଗତଦିନର ସ୍କୁଲ ଜୀବନ ସହ ବର୍ତ୍ତମାନର ସମ୍ପର୍କ ଓ ବନ୍ଧୁତ୍ୱର ତୁଳନା କରିଥିଲେ। ଆଗାମୀ ଦିନରେ ସମାଜସେବା କାର୍ଯ୍ୟକ୍ରମ ଆରମ୍ଭ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର କରିବା ପାଇଁ ଏକ ଗୋଷ୍ଠୀ ଗଠନ କରିବାକୁ ଅନେକ ସହପାଠୀ ଇଚ୍ଛା ପ୍ରକାଶ କରିଥିଲେ। ଶେଷରେ ଚରମ୍ପାର ଅଧିଷ୍ଠାତା ଦେବତା ପ୍ରଭୁ ହନୁମାନଜୀଉଙ୍କର ଆଶୀର୍ବାଦ କାମନା କରି କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## କମଳ ପଟ୍ଟନାୟକଙ୍କ ସ୍ମୃତିସଭା

କମର୍ଦ୍ଦା, ୧୨।୨(ସମିସ): ଭୋଗରାଇ ବ୍ଲକ ନହରା ପଞ୍ଚାୟତ ସମିତି ର ପୂର୍ବତନ ସମିତି ସଭ୍ୟ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳ କୁମାର ପଟ୍ଟନାୟକଙ୍କ ଉଦ୍ଦେଶ୍ୟ ରେ ଆଜି ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅବସର ଗ୍ରହଣ ପରେ ବିଜୁ ଜନତା ଦଳର ସେ ଉକ୍ତ ପଞ୍ଚାୟତ ର ନେତୃତ୍ୱ ନେବା ସହିତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ନହରା ପଞ୍ଚାୟତର ବିଜୁ ଜନତା ଦଳ ସଭାପତି ଭାବେ କାର୍ଯ୍ୟରତ ରହିଥିଲେ। ତାଙ୍କ ମୃତ୍ୟୁକୁ ନେଇ ପୁରା ନହରା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। ଏହି ପରିପ୍ରେକ୍ଷୀରେ ନହରା ସରପଞ୍ଚ କବିତା ରାଣି ଜେନାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ଚାରଣ ସଭା




ଅନୁଷ୍ଠିତ ହେଇଥିଲା। ଏହି ସଭାରେ ପୂର୍ବତନ ଜିଲ୍ଲା ପରିଷଦ ହେମନ୍ତ କୁମାର ବେହେରା, ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ବାରିକ, ବିନୋଦ ଜେନା, ଗୋପାଳ ଚନ୍ଦ୍ର ମୁଖି, ସୁବଳ ଜେନା, ବ୍ରଜବିହାରୀ ସେଠୀ, ରାଜେନ୍ଦ୍ର ପଟ୍ଟନାୟକ, ଶାନ୍ତି ପ୍ରକାଶ ଦାସ ମହାପାତ୍ର, ସୁରେଶ ପଟ୍ଟନାୟକ, କାଳିପଦ ଦତ୍ତ, ରାଜକୁମାର ପରିଡ଼ା, ଚନ୍ଦ୍ର ମୋହନ ଜେନା, ଧିରେନ୍ଦ୍ର ଦାସ, ବଟକୃଷ୍ଣ ଜେନା, ମନରଞ୍ଜନ ଜେନା, ପ୍ରଭାକର ଦାସ, ସୁବ୍ରତ ପ୍ରଧାନ, ବିମଳ କୁମାର ପଟ୍ଟନାୟକ, ଜଗନ୍ନାଥ ପରିଡ଼ା ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ।

### ନାବାଳିକାକୁ ଅପହରଣ କରି ବାଂଲାଦେଶକୁ ଚାଲାଣ ଅଭିଯୋଗ

## ସିଡବ୍ଲ୍ୟୁସିରେ ଅପହୃତା ନାବାଳିକା, ଅପହରଣକାରୀ ଫେରାର

ଚନ୍ଦନେଶ୍ୱର, ୧୨।୨ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ତାଳସାରୀ ସାମୁଦ୍ରିକ ଥାନା ଅଞ୍ଚଳର ଜନୈକା ନାବାଳିକାକୁ ବାଂଲାଦେଶକୁ ଚାଲାଣ କରାଯାଇଥିବା ଘଟଣା ଭିନ୍ନମୋଡ଼ ନେଇଛି। ସମ୍ପୃକ୍ତା ନାବାଳିକାକୁ ମେରାଇନ ଥାନା ପୁଲିସ ଉଦ୍ଧାର କରି ବାଲେଶ୍ୱର ସିଡବ୍ଲୁସିକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଅପହରଣକାରୀ ଯୁବକ ଫେରାର ହୋଇଯାଇଛି। ଯୁବକ ଜଣକ ତାଙ୍କୁ ବାଂଲାଦେଶ ଚାଲାଣ କରୁ ନ ଥିଲେ ବରଂ ଦୀର୍ଘ ଦିନ ଧରି ତାଙ୍କୁ ଭଲ ପାଉଥିଲେ ଏବଂ ବିବାହ କରିବା ପାଇଁ ତାଙ୍କୁ ଉଠାଇ ନେଇଥିଲେ ବୋଲି ତଦନ୍ତ ପରେ ପୁଲିସ ସ୍ପଷ୍ଟ କରିଛି। ଏ ନେଇ ସାମୁଦ୍ରିକ ଥାନାରେ କେଶ ନଂ ୨୬/୨୬ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ନେଇ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭୋଗରାଇ ଅଞ୍ଚଳର ଏକ ନାବାଳିକାକୁ ସେହି ଅଞ୍ଚଳର ଜନୈକ ଯୁବକ ୬ ବର୍ଷ ହେଲା ଭଲ ପାଉଥିଲେ। ଘରେ ଏ ନେଇ ପାଟିତୁଣ୍ଡ ହେବାରୁ ଦୁହେଁ ଘରୁ ପଳାଇ ଯାଇଥିବା ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ସେମାନଙ୍କୁ ପଶ୍ଚିମବଙ୍ଗର ସିଆଲଦା ଷ୍ଟେସନରେ ରେଲୱେ ପୁଲିସ ଅଟକାଇ ଘର ଲୋକଙ୍କୁ ଖବର ଦେଇଥିଲେ। ଖାଲି ସେତିକି ନୁହେଁ, ରେଲୱେ ପୁଲିସ ନାବାଳିକାକୁ କଲିକତାର ଶିଶୁ ମଙ୍ଗଳ ଅଧିକାରୀ( ସିଡବ୍ଲୁସି) ଜିମାରେ ଦେଇଥିଲେ। ଅଭିଯୋଗ ପରେ ସାମୁଦ୍ରିକ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଆଶିଷ କୁମାର ବିଶ୍ୱାଳ ସଦଳବଳେ ନାବାଳିକାଙ୍କ ପରିବାର ଲୋକଙ୍କୁ ନେଇ ସେଠାରେ ପହଞ୍ଚି ଥିଲେ। କଲିକତା କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ ପରେ ତାଙ୍କୁ ନେଇ ବାଲେଶ୍ୱର ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ସେଠାରେ ମଧ ତାଙ୍କର ବୟାନ ରେକର୍ଡ କରାଯିବ। ତେବେ ନାବାଳିକାଙ୍କ ବାପା ଆଣିଥିବା ବାଂଲାଦେଶ ଚାଲାଣ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ କରିଛନ୍ତି।

